# NATIONAL NEWS BULLETIN (ODIA)

## 30th November - 2025

## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ମନ୍ କି ବାତ୍‌ର ୧୨୮ତମ ସଂସ୍କରଣରେ ଆଜି ଆକାଶବାଣୀରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

- ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ଆଜି ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ ।

- ଛତିଶଗଡ଼ର ରାୟପୁରରେ ଚାଲିଥିବା ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀର ଆଜି ଉଦ୍‌ଯାପନୀ ଦିବସରେ ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ ।

- ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ ଦିତ୍ୱା ଆସନ୍ତା ୨୪ ଘଣ୍ଟା ମଧ୍ୟରେ ତାମିଲ୍‌ନାଡୁ-ପୁଦୁଚେରୀ ଉପକୂଳ ଅତିକ୍ରମ କରିବା ସମ୍ଭାବନା ।

ଏବଂ

- ସୟଦ ମୋଦି ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଆଜି ଟାଇଟଲ୍ ହାସଲପାଇଁ ପ୍ରୟାସ କରିବ ଭାରତ ।

## ମନ୍ କୀ ବାତ୍

ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ର ୧୨୮ତମ ସଂସ୍କରଣରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବାହ୍ନ ୧୧ଟାରେ ଆକାଶବାଣୀରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍, ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍, ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାର ପ୍ରସାରଣ ପରେ ଆକାଶବାଣୀରେ ମନ୍ କୀ ବାତ୍‌ର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।

# ଗଭ୍ - ଅଲ୍ ପାର୍ଟି

ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ଆଜି ନୂଆଦିଲ୍ଲୀରେ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ କରିବେ । ଆସନ୍ତାକାଲିଠାରୁ ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇ ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ସଂସଦର ଉଭୟ ସଦନର ରାଜନୈତିକ ଦଳ ନେତୃବୃନ୍ଦଙ୍କ ସହ ସେ ସାକ୍ଷାତ୍ ଆଲୋଚନା କରିବେ । ବୈଠକରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ଅଧିବେଶନ କାର୍ଯ୍ୟ ସହଯୋଗ ଭିତ୍ତିରେ ଚଳାଇବା ଉପରେ ଆଲୋଚନା ହେବ । ଏହି ଶୀତକାଳୀନ ଅଧିବେଶନରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପରେ ଆଲୋଚନା ଏବଂ ନିଷ୍ପତ୍ତି ଲାଗି ସ୍ଥିର କରାଯିବ ।

ଏହି ଅଧିବେଶନରେ ଉପସ୍ଥାପିତ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବିଧେୟକ ମଧ୍ୟରେ ବିମା ସଂଶୋଧନ ବିଧେୟକ, ଉଚ୍ଚଶିକ୍ଷା ବିଭାଗ ଓ ଜାତୀୟ ରାଜପଥ ସଂଶୋଧନ ବିଧେୟକ ରହିଛି । ଅଧିବେଶନ କାଳରେ ୧୯ ଦିନରେ ୧୫ଟି ଅଧିବେଶନ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟସୂଚୀ ସ୍ଥିର କରାଯାଇଛି ।

# ପି.ଏମ୍. - ଡି.ଜି.ପି କନ୍‌ଫରେନ୍ସ

ଛତିଶଗଡ଼ର ରାୟପୁରରେ ଚାଲିଥିବା ପୁଲିସ ମହାନିର୍ଦ୍ଦେଶକମାନଙ୍କ ସମ୍ମିଳନୀ ଆଜି ଉଦ୍‌ଯାପିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦି ସୂଚନା ଦେଇଛନ୍ତି, ସମ୍ମିଳନୀର ପ୍ରଥମ ଦିନରେ ଦେଶର ସୁରକ୍ଷା ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା ପର୍ଯ୍ୟାଲୋଚନା ହୋଇଛି । ସେ କହିଛନ୍ତି, ଜାତୀୟ ସୁରକ୍ଷା ଦୃଷ୍ଟିରୁ ସବୁଠାରୁ ସୁରକ୍ଷିତ ବ୍ୟବସ୍ଥା ଗ୍ରହଣ କରିବା ଲାଗି ସମ୍ମିଳନୀରେ ମତପ୍ରକାଶ ପାଇଛି । ନୂଆ ରାୟପୁରର ଜାତୀୟ ପରିଚାଳନା ପ୍ରତିଷ୍ଠାନରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଆଜି ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ପୁଲିସ୍ ପଦକ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି ।

ସମ୍ମିଳନୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍, କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ମହାନିର୍ଦ୍ଦେଶକ ଓ କେନ୍ଦ୍ରୀ ପୁଲିସ ସଙ୍ଗଠନର ମହାନିର୍ଦ୍ଦେଶକମାନେ ଯୋଗ ଦେଇଛନ୍ତି । ଚଳିତ ବର୍ଷ ଏହି ସମ୍ମିଳନୀର ବାର୍ତ୍ତା ରହିଛି "ବିକଶିତ ଭାରତ - ସୁରକ୍ଷା ଉପାୟ" । ସମ୍ମିଳନୀରେ ବାମପନ୍ଥୀ ଉଗ୍ରବାଦ ଓ ଆତଙ୍କବାଦ ମୁକାବିଲା, ବିପର୍ଯ୍ୟୟ ପରିଚାଳନା ମୁକାବିଲା, ମହିଳା ସୁରକ୍ଷା ସୁଦୃଢ଼ୀକରଣ ଏବଂ କୃତ୍ରିମ ବୁଦ୍ଧିମତ୍ତା ଓ ଫରେନ୍‌ସିକ୍ ବିଜ୍ଞାନର ବ୍ୟବହାର ଉପରେ ଆଲୋଚନା କରାଯାଉଛି ।

## ଭି.ପି. - କୁରୁକ୍ଷେତ୍ର

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି ହରିୟାଣାର କୁରୁକ୍ଷେତ୍ର ଗସ୍ତ କରିବେ । ସେ କୁରୁକ୍ଷେତ୍ରସ୍ଥିତ ରାଷ୍ଟ୍ରୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନର ବିଂଶତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେବ । ଏହି ଗସ୍ତ ଅବସରରେ ଶ୍ରୀ ରାଧାକ୍ରିଷ୍ଣନ୍ ଆନ୍ତର୍ଜାତିକ ଗୀତା ମହୋତ୍ସବର ଅଖିଳ ଭାରତୀୟ ଦେବସ୍ଥାନମ୍ ସମ୍ମିଳନୀରେ ଭାଗ ନେବେ ।

## ଡି.ଜି.ସି.ଏ. - ଅପ୍‌ଗ୍ରେଡେସନ ଷ୍ଟାଟସ୍

ଦେଶର ୩୩୮ଟି ପ୍ରଭାବିତ ବିମାନ ମଧ୍ୟରୁ ୨୭୦ଟିରେ ସଫ୍ଟୱେୟାର ଅପ୍‌ଗ୍ରେଡେସନ୍ କାର୍ଯ୍ୟ ଶେଷ ହୋଇଥିବା ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି । ଏଥିରେ ଏୟାର ଇଣ୍ଡିଆ, ଇଣ୍ଡିଗୋ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ରହିଛି । ଅବଶିଷ୍ଟ ୬୮ଟି ବିମାନର ସଫ୍ଟୱେୟାର ଅପ୍‌ଗ୍ରେଡେସନ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ ବୋଲି ନିର୍ଦ୍ଦେଶାଳୟ କହିଛି । ନିର୍ଦ୍ଦେଶାଳୟ ପକ୍ଷରୁ ସଫ୍ଟୱେୟାର ଅପ୍‌ଗ୍ରେଡେସନ ଶେଷ ନ ହେବା ପର୍ଯ୍ୟନ୍ତ ଉଡ଼ାଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଏହି ପଦକ୍ଷେପ ସ୍ୱରୂପ ଏ-୩୧୮, ୩୧୯, ୩୨୦ ଓ ୩୨୧ ଏୟାର ବସ୍‌ଗୁଡ଼ିକରେ ସଫ୍ଟୱେୟାର ଅପ୍‌ଗ୍ରେଡେସନ ଏବଂ ଯାଞ୍ଚ କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ଥାଇଲାଣ୍ଡ ଏଫ୍.ଏମ୍. - ଭିଜିଟ

ଥାଇଲାଣ୍ଡର ବୈଦେଶିକ ମନ୍ତ୍ରୀ **ସିହାସକ ଫୁଆଙ୍ଗ-କେତକେଓ** ଚାରିଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟଶ୍ୱାଲ୍ ତାଙ୍କୁ ଗତରାତିରେ ସ୍ୱାଗତ କରିବା ସହ ତାଙ୍କ ଭାରତ ଗସ୍ତ ଉଭୟ ଦେଶ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ଦୃଢ଼ କରିବ ବୋଲି କହିଛନ୍ତି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଫୁଆଙ୍ଗ-କେତକେଓ ଆଜି ନୂଆଦିଲ୍ଲୀରେ କେତେକ ବୈଠକରେ ଯୋଗଦେବେ । ସେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ହାଇଦ୍ରାବାଦଠାରେ ଆସନ୍ତାକାଲି ଦ୍ୱିପାକ୍ଷିକ ଆଲୋଚନାରେ ଅଂଶଗ୍ରହଣ କରିବେ । ଭାରତ ଏବଂ ଥାଇଲାଣ୍ଡ ମଧ୍ୟରେ ଐତିହାସିକ ସମ୍ପର୍କ ଦୃଢ଼ ରହିଥିବାବେଳେ ୧୯୪୭ ମସିହାରେ ଉଭୟ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପିତ ହୋଇଥିଲା । ୨୦୨୨ ମସିହାରେ ଉଭୟ ଦେଶ ସେମାନଙ୍କ କୂଟନୈତିକ ସମ୍ପର୍କର ୭୫ ବର୍ଷ ପାଳନ କରିଥିଲେ ।

# ସାଇକ୍ଲୋନ୍ - ଦିତ୍ୱା

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ ଦିତ୍ୱା ଗତ ୬ ଘଣ୍ଟା ହେବ ଘଣ୍ଟାପ୍ରତି ୫ କିଲୋମିଟର ବେଗରେ ଉତ୍ତର ଦିଗରେ ଗତିକରି ଉତ୍ତର ଶ୍ରୀଲଙ୍କା ଓ ତାମିଲନାଡୁ ଉପକୂଳରେ କେନ୍ଦ୍ରୀଭୂତ ରହିଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ସାମୁଦ୍ରିତ ଝଡ଼ ଦିତ୍ୱା କରେଇକାଲ୍‌ଠାରୁ ୮୦ କିଲୋମିଟର ପୂର୍ବ, ବେଦରାନୟମ୍‌ଠାରୁ ୧୦୦ କିଲୋମିଟର ପୂର୍ବ-ଉତ୍ତର-ପୂର୍ବ, ପୁଦୁଚେରୀଠାରୁ ୧୬୦ କିଲୋମିଟର ଦକ୍ଷିଣ-ଦକ୍ଷିଣ-ପୂର୍ବ ଏବଂ ଚେନ୍ନାଇଠାରୁ ୨୫୦ କିଲୋମିଟର ଦକ୍ଷିଣରେ ରହିଛି । ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସାମୁଦ୍ରିକ ଝଡ଼ ଦିତ୍ୱା ତାମିଲନାଡୁ ଓ ପୁଦୁଚେରୀ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି କୁଡ଼ାଲୋର ଏବଂ ନାଗାପଟ୍ଟିନମ୍ ଅଞ୍ଚଳକୁ ରେଡ୍ ଆଲର୍ଟ ଜାରି କରାଯାଇଛି । ଚେନ୍ନାଇ ଏବଂ କାଞ୍ଚିପୁରମ୍ ସମେତ ୧୨ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ହେବା ନେଇ ସୂଚନା ଦିଆଯାଇଛି । ଆନ୍ଧ୍ରପ୍ରଦେଶର ଉପକୂଳ ଜିଲ୍ଲା ସମେତ ୟାନମ୍ ଏବଂ ରୟାଲ୍ ସୀମା ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାନେଇ ଅନୁମାନ କରାଯାଇଛି ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସାମୁଦ୍ରିକ ଝଡ଼ ଦିତ୍ୱାର ମୁକାବିଲା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । କେନ୍ଦ୍ର ଗୃହ ସଚିବ’ ତାମିଲ୍‌ନାଡୁ, ପୁଦୁଚେରୀ, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶର ମୁଖ୍ୟ ଶାସନ ସଚିବମାନଙ୍କ

ସହ ପ୍ରସ୍ତୁତି ବ୍ୟବସ୍ଥାର ସମୀକ୍ଷା କରି ସତର୍କ ରହିବା ସହ ସହଯୋଗ ରକ୍ଷା କରିବାକୁ କହିଛନ୍ତି । ତଟରକ୍ଷୀ ବାହିନୀ ପକ୍ଷରୁ ତାମିଲନାଡୁ ଉପକୂଳରେ ୩ଟି ଜାହାଜ ଓ ଗୋଟିଏ ହେଲିକପ୍ଟର ମୁତୟନ କରାଯାଇଛି । ତଟବର୍ତ୍ତୀ ବାହିନୀର ଆଞ୍ଚଳିକ ପରିଚାଳନା କେନ୍ଦ୍ର ପକ୍ଷରୁ ସ୍ଥାନୀୟ ଭାଷାରେ ବାତ୍ୟା ସତର୍କ ସୂଚନା ଦିଆଯାଉଛି । ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଲାଗି ୧୪ଟି ବିପର୍ଯ୍ୟୟ ପରିଚାଳନା ଦଳକୁ ପ୍ରସ୍ତୁତ ରଖାଯାଇଥିବାବେଳେ ପୁଣେ ଏବଂ ଭଦୋଦରାରୁ ୧୦ଟି ଅତିରିକ୍ତ ଏନ୍.ଡି.ଆର୍.ଏଫ୍. ଦଳକୁ ଚେନ୍ନାଇକୁ ପଠାଯାଇଛି ।

## ବୈଷ୍ଣବ - ସାଇକ୍ଲୋନ ମିଜରର୍ସ

ସାମୁଦ୍ରିକ ଝଡ଼ ଦିତ୍ୱାର ପ୍ରଭାବକୁ ଦୃଷ୍ଟିରେ ରଖି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମୀକ୍ଷା କରିଛନ୍ତି । ରେଳସେବା ଯେଭଳି ବ୍ୟାହତ ନ ହେବ ଏବଂ ଯାତ୍ରୀମାନଙ୍କ ସୁରକ୍ଷା ନିଶ୍ଚିତ କରାଯାଇପାରିବ, ସେ ନେଇ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଦକ୍ଷିଣ ରେଳବାଇର ବରିଷ୍ଠ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ସାମୁଦ୍ରିକ ଝଡ଼ ସମୟରେ ଯାତ୍ରୀମାନଙ୍କୁ ସୂଚନା ଦେବାଲାଗି ସହାୟତା ନମ୍ବର ଜାରି କରାଯାଇଛି । ସେ କହିଛନ୍ତି, ଜନସାଧାରଣଙ୍କ ନିରାପତ୍ତାକୁ ପ୍ରାଧାନ୍ୟ ଦିଆଯାଉଛି । ବିଭିନ୍ନ ଷ୍ଟେସନରେ

ୱାର୍ ରୁମ୍ ସ୍ଥାପନ କରି ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ସାଧାରଣ ପ୍ରଶାସନ ବିଭାଗ ସହ ଯୋଗାଯୋଗରେ ରହିବାକୁ ଶ୍ରୀ ବୈଷ୍ଣବ ବିଭାଗୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଫାଇଭ୍ ନିୟୁ ଇଣ୍ଡିଆନ୍ ଲାଙ୍ଗୁଏଜେସ୍

ମେଟା ୫ଟି ନୂଆ ଭାରତୀୟ ଭାଷାକୁ ନିଜ ପ୍ଲାଟ୍‌ଫର୍ମରେ ସାମିଲ୍ କରିବା ନେଇ ଘୋଷଣା କରିଛି । ମୁମ୍ବାଇରେ ଅନୁଷ୍ଠିତ ହାଉସ୍ ଅଫ୍ ଇନ୍‌ଷ୍ଟାଗ୍ରାମ୍ କାର୍ଯ୍ୟକ୍ରମରେ ଦିଆଯାଇଥିବା ସୂଚନା ଅନୁଯାୟୀ ଏଣିକି ଇନ୍‌ଷ୍ଟାଗ୍ରାମ ଏବଂ ଫେସ୍‌ବୁକ୍ ବ୍ୟବହାରକାରୀମାନେ ସେମାନଙ୍କ ରିଲ୍‌ସଗୁଡ଼ିକୁ ମରାଠୀ, ବଙ୍ଗଳା, ତେଲୁଗୁ, କନ୍ନଡ଼ ଏବଂ ତାମିଲ୍ ଭାଷାରେ ଅନୁବାଦ କରିପାରିବେ । ଏହି କାର୍ଯ୍ୟ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ସ୍ୱୟଂଚାଳିତ ଡବିଂ ଏବଂ ଲିପ୍‌ସିଙ୍ଗ୍ ପ୍ରଯୁକ୍ତିବିଦ୍ୟାଦ୍ୱାରା ସମ୍ଭବ ହେବ । ଏପର୍ଯ୍ୟନ୍ତ ଏହି ସୁବିଧା କେବଳ ଇଂରାଜୀ, ହିନ୍ଦୀ, ସ୍ପାନିସ୍ ଓ ପର୍ତ୍ତୁଗୀଜ୍ ଭାଷାରେ ଉପଲବ୍ଧ ଥିଲା । ଅନ୍ୟପକ୍ଷରେ ବିଭିନ୍ନ ଆପ୍‌ର ଆଣ୍ଡ୍ରଏଡ୍ ସଂସ୍କରଣରେ ଦେବନାଗରୀ ଓ ମରାଠୀ, ଆସାମୀ, ବଙ୍ଗଳା ଓ ହିନ୍ଦୀଭାଷାର ଆକର୍ଷଣୀୟ ଫଣ୍ଟ୍‌ଗୁଡ଼ିକୁ ସାମିଲ୍ କରାଯିବ ।

# ସ୍ପୋର୍ଟସ୍ ରାଉଣ୍ଡ୍ ଅପ୍

ଆଜିର କିଛି ଖେଳ ଖବର ନେଇ ଶୁଣନ୍ତୁ ଏକ ରିପୋର୍ଟ :

ସୟଦ୍ ମୋଦି ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା-୨୦୨୫ରେ ଆଜି ଭାରତ ଟାଇଟଲ୍ ହାସଲପାଇଁ ଚେଷ୍ଟା କରିବ । ଲକ୍ଷ୍ନୌର ବାବୁ ବନାରସୀ ରାଜ ଇଣ୍ଡୋର ଷ୍ଟାଡିୟମ୍‌ରେ କିଦାମ୍ବୀ ଶ୍ରୀକାନ୍ତ ଏବଂ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ଚୂଡ଼ାନ୍ତ ପର୍ଯ୍ୟାୟରେ ମୁକାବିଲା କରିବେ । ଶ୍ରୀକାନ୍ତ ବିଶ୍ୱର ଅଣଷଠି ନମ୍ବର ଖେଳାଳି ହଙ୍ଗ୍‌କଙ୍ଗ୍‌ର ଜାସନ୍ ଗୁନାୱାନ୍’ଙ୍କ ସହ ପୁରୁଷ ଏକକ ଫାଇନାଲ୍‌ରେ ଅବତୀର୍ଣ୍ଣ ହେବେ । ଆଜି ଭାରତୀୟ ସମୟ ଅପରାହ୍ଣ ୩ଟା ୨୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ଗତ ରାତିରେ ବିଶ୍ୱର ୩୮ ନମ୍ବର ଖେଳାଳି ଶ୍ରୀକାନ୍ତ, ଭାରତୀୟ ପ୍ରତିପକ୍ଷ ମିଥୁନ ମଞ୍ଜୁନାଥଙ୍କୁ ୨-୧ ସେଟ୍‌ରେ ପରାସ୍ତ କରିଥିଲେ ।

ମହିଳା ଡବଲ୍‌ସର ଫାଇନାଲ୍ ମ୍ୟାଚ୍‌ରେ ତ୍ରିଶା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ଜାପାନର ଅଷ୍ଟମ ମାନ୍ୟତା ପ୍ରାପ୍ତ କାହୋ ଓସୱା ଏବଂ ମାଇ ତନାବେ ଯୋଡ଼ିଙ୍କ ସହ ମୁକାବିଲା କରିବେ । ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରେ ଏହି ମ୍ୟାଚ୍ ଖେଳାଯିବ ।

ସେମିଫାଇନାଲ୍‌ରେ ଜଲି-ଗୋପୀଚାନ୍ଦ ଯୋଡ଼ି ମାଲେସିଆର ଅଙ୍ଗ୍ ସି ଇ ଏବଂ କାର୍ମେନ ଟିଙ୍ଗ୍ ଯୋଡ଼ିକୁ ୨-୧ରେ ପରାସ୍ତ କରିଥିଲା । ଏହି

ପ୍ରତିଯୋଗିତାର ଅନ୍ୟାନ ମ୍ୟାଚ୍‌ରେ ଭାରତର ଉନ୍ନତି ହୁଡ୍ଡା, ତନ୍‌ଭି ଶର୍ମା ଏବଂ ହରିହରନ୍ ପରାସ୍ତ ହୋଇଛନ୍ତି ।

ପୁରୁଷ ଏଫ୍.ଆଇ.ଏଚ୍. ହକି ଜୁନିୟର ବିଶ୍ୱକପ୍-୨୦୨୫ରେ ଗତକାଲି କ୍ରମାଗତ ଭାବେ ଭାରତ ଦ୍ୱିତୀୟ ବିଜୟ ହାସଲ କରିଛି । ଚେନ୍ନାଇର ମେୟର ରାଧାକ୍ରିଷ୍ଣନ୍ ହକି ଷ୍ଟାଡିୟମ୍‌ରେ ପୁଲ୍-ବି'ର ଏକ ମ୍ୟାଚ୍‌ରେ ଭାରତ ୧୭-୦ ଗୋଲ୍‌ରେ ଓମାନକୁ ପରାସ୍ତ କରିଛି । ଦିଲ୍‌ରାଜ ସିଂହ ୪ଟି ଗୋଲ୍ ଦେଇଥିବାବେଳେ ଅର୍ଶଦୀପ ସିଂହ ୩ଟି ଗୋଲ୍ ଦେଇଥିଲେ । ଗତ ଶୁକ୍ରବାର ଦିନ ପ୍ରଥମ ମ୍ୟାଚ୍‌ରେ ଭାରତ ୭-୦ ଗୋଲ୍‌ରେ ଚିଲିକୁ ପରାସ୍ତ କରିଥିଲା । ପୁଲ୍-ବି'ର ଶୀର୍ଷରେ ଭାରତ ରହିଛି । ଫଳରେ ଭାରତ କ୍ୱାର୍ଟର ଫାଇନାଲ୍‌କୁ ସିଧାସଳଖ ଉନ୍ନୀତ ହେବାର ଦୃଢ଼ ଦାବିଦାର ରହିଛି । ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍‌ରେ ସ୍ୱିଜରଲ୍ୟାଣ୍ଡକୁ ପରାସ୍ତ କଲେ ଭାରତ ଶେଷ ୮ଟି ଟିମ୍‌ରେ ନିଜ ସ୍ଥାନ ପକ୍କା କରିବ ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଞ୍ଜନ ମିର୍ଶ ।

*****